# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,ବରଗଡ(ସହରାଞ୍ଚଳ), ଜିଲ୍ଲା-
# ବରଗଡ

ବିଜ୍ଞାପନ ସଂଖ୍ୟା......513....../ ତାରିଖ......୨୦·୪·୨୦୨୬......

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପତ୍ର ସଂଖ୍ୟା-୪୯୭୦/WCD ତା.୧୫.୦୩.୨୦୨୩ ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ, ବରଗଡ(ସହରାଞ୍ଚଳ) ଅନ୍ତର୍ଗତ ନିମ୍ନଲିଖିତ ୧(ଏକ) ଗୋଟି ଗ୍ରାମର ନିର୍ଦ୍ଧାରିତ କେନ୍ଦ୍ରରେ ଅଙ୍ଗନୱାଡି ସହାୟିକାପଦ ପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥିନୀମାନଙ୍କ ଠାରୁ Online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଛି।ଦରଖାସ୍ତ ଗ୍ରହଣର ଶେଷ ତାରିଖ. 5.5.26 ଅଟେ ।

ପ୍ରାର୍ଥିନୀମାନେତା.ରିଖରୁ ୨୧·୪·୨୬ ତା.ରିଖ 5.5.26 ମଧ୍ୟରେOnline ମାଧ୍ୟମରେ http://engagement-awc.odisha.gov.inwebsite କୁ ଯାଇ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ପ୍ରମାଣପତ୍ର ସହିତ ଆବେଦନ କରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ବାହାରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞପ୍ତିକୁ ଆଂଶିକ କିମ୍ବା ସଂପୂର୍ଣ୍ଣ ଭାବେ ନାକଚ କରି ପାରିବେ ।

| କ୍ର. ନଂ | ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ୱାର୍ଡ ନମ୍ବର ନାମ | କେନ୍ଦ୍ର ପରିମିତ ଅଞ୍ଚଳ ( ଅଙ୍ଗନୱାଡି ସର୍ଭେ ଖାତା ଅନୁଯାୟୀ) |
|---|---|---|---|
| ୧ | ଶାସ୍ତ୍ରୀ ବିହାର | ୧୪ | ଘର ନଂ ୦୦୧ - Dr. ଭି.ସି. ଷଡ଼ଙ୍ଗୀ ରୁ ଘର ନଂ ୧୯୮ - ପାଣ୍ଡବ ସା |

ନିମ୍ନଲିଖିତ ଯୋଗ୍ୟତା ଥିବା ପ୍ରାର୍ଥିନୀମାନେ ଆବେଦନ କରିପାରିବେ ।

୧) ଯୋଗ୍ୟତା- ପ୍ରାର୍ଥିନୀ ଦରଖାସ୍ତ ଆହ୍ୱାନ କରାଯାଇଥିବା କେନ୍ଦ୍ର ପରିସର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ । କେବଳ କେନ୍ଦ୍ରପାଇଁ ଚିହ୍ନଟ କରାଯାଇଥିବା ସର୍ଭେ ତାଲିକା ମଧ୍ୟରୁ ଯୋଗ୍ୟ ପ୍ରାର୍ଥିନୀ ଦରଖାସ୍ତ ଆବେଦନ କରିପାରିବେ ।

୨) ବୟସ- ପ୍ରାର୍ଥିନୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୧୮ ବର୍ଷରୁ କମ ତଥା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।

୩) ଶିକ୍ଷ୍ୟାଗତ ଯୋଗ୍ୟତା- ପ୍ରାର୍ଥିନୀଙ୍କର ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ (12TH) ହୋଇଥିବ ।

୪) ପ୍ରାର୍ଥିନୀଙ୍କ ଓଡ଼ିଆ ଭାଷା ଉପରେ ଦକ୍ଷତା ରହିଥିବ ।

୫) ସେ କୌଣସି ଦୂରୋରାଗ୍ୟ ପୀଡ଼ିତ ହୋଇନଥିବେ ।

୬) ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ କର୍ମୀ ଙ୍କୁ କାର୍ଯ୍ୟ କରିବାରେ ସାହାଯ୍ୟ କରିବାକୁ ଇଚ୍ଛୁକ ହେବା ଉଚିତ I

୭) ସହାୟିକା ରୂପେ ମନୋନୀତ ହେଲେ ମାସିକ ୫,୦୦୦/- ( ପାଞ୍ଚ ହଜାର ) ଟଙ୍କା ଭତ୍ତା ପାଇବେ I

ଉପର ଲିଖିତ ଯୋଗ୍ୟତା ମାନ ଥାଇ ପ୍ରାର୍ଥୀନୀ ଯଦି ଅନୁସୂଚିତ ଜାତି ଓ ଜନଜାତି / ବିଧବା / ଅନାଥ / ପରିତ୍ୟକ୍ତା / ଅସହାୟ / ଅଧିକ ଶିକ୍ଷାଗତ ଯୋଗ୍ୟତା ଯୁକ୍ତା ହୋଇଥିବେ , ତେବେ ସେମାନଙ୍କୁ ସରକାରଙ୍କ ନିୟମ ମୁତାବକ (ମହିଳା ଓ ଶିଶୁବିକାଶ ପତ୍ର ସଂଖ୍ୟା-୪୯୭୦ / WCD ତା.୧୮.୦୩.୨୦୨୩ ଅନୁଯାୟୀ) ଅତିରିକ୍ତ ମୂଲ୍ୟାଙ୍କନ ଦିଆଯିବ I

କିପରି ଆବେଦନ କରିବେ:-

୧) ଆବେଦନକାରିଣୀ Online ମାଧ୍ୟମରେ http://engagement-awc.odisha.gov.inwebsite କୁ ଯାଇ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ପ୍ରମାଣପତ୍ର ଗୁଡିକ Online ମାଧ୍ୟମରେ Uploadକରିବେ I

୨) ପ୍ରାର୍ଥିନୀ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଅବିକଳନକଲ Online ମାଧ୍ୟମରେ Upload କରିବେ।(ବିଜ୍ଞାପନ ପ୍ରକାଶ ପାଇବାର ୬ ମାସ ମଧ୍ୟରେ ହୋଇଥିବା ଆବଶ୍ୟକ)

୩) ପ୍ରାର୍ଥିନୀ ଜାତିଗତ ପ୍ରମାଣ ପତ୍ରର ଅବିକଳ ନକଲ Online ମାଧ୍ୟମରେ Upload କରିବେ।

୪) ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଅବିକଳ ନକଲ Online ମାଧ୍ୟମରେ Upload କରିବେ I

୫) ପ୍ରାର୍ଥିନୀ ବିଧବା ( ସ୍ଵାମୀ ଙ୍କ ମୃତ୍ୟୁ ପ୍ରମାଣପତ୍ର ) / ଅନାଥ (ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥାଶ୍ରମରୁ ପ୍ରମାଣିତ) / ପରିତ୍ୟକ୍ତା (ଅଦାଲତରୁ ପ୍ରମାଣିତ) / ଅସହାୟାଥିଲେ ତାହାର ପ୍ରମାଣପତ୍ର Online ମାଧ୍ୟମରେ Upload କରିବେ।

୬) ବୟସ ପ୍ରମାଣ ପତ୍ର (10th Certificate) ର ଅବିକଳ ନକଲ Online ମାଧ୍ୟମରେ Upload କରିବେ।

୭) ଆବେଦନକାରିଣୀ ନିଜର ପାସପୋର୍ଟ ସାଇଜ ଫଟୋ ଏବଂ ହସ୍ତାକ୍ଷର Online ମାଧ୍ୟମରେ Upload କରିବେ I

ଯଦି ପ୍ରାର୍ଥିନୀଙ୍କ ଜାତି / ସ୍ଥାୟୀ ବାସିନ୍ଦା / ଶିକ୍ଷାଗତ ପ୍ରମାଣପତ୍ରରେ କୌଣସି ମିଥ୍ୟା ତଥ୍ୟ ଚିହ୍ନଟ ହୁଏ, ତେବେ ପ୍ରାର୍ଥିନୀଙ୍କ ଦରଖାସ୍ତ ନାକଚ କରାଯିବା ସହିତ ସରକାରୀ ନିୟମ ଅନୁଯାୟୀ ଦଣ୍ଡିତ ହେବେ I

ପ୍ରାର୍ଥିନୀ ମାନଙ୍କଠାରୁ ପାଇଥିବା ଦରଖାସ୍ତ ଗୁଡିକ ତା. 5.5.25 ରିଖ ଦିନ ବରଗଡ(ସହରାଞ୍ଚଳ)ଚୟନ କମିଟି ଦ୍ଵାରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ତନଖି କରାଯିବ I ଉକ୍ତ ଦିନ ସକାଳ ୧୧ଘ.-୧୨ଘ.ସମୟ ରେ ଆବେଦନକାରୀ ପ୍ରାର୍ଥିନୀମାନେ ସେମାନଙ୍କର ମୂଳ ପ୍ରମାଣପତ୍ର ସହିତ ଅତ୍ର କାର୍ଯ୍ୟାଳୟରେ ନିଜେ ଉପସ୍ଥିତ ରହି ମୂଳ ପ୍ରମାଣପତ୍ର ସହ ଯାଞ୍ଚ କରାଇବା ହେବେ I ନିର୍ଦ୍ଧାରିତ ଦିବସରେ ମୂଳ ପ୍ରମାଣପତ୍ର ସହ ଯାଞ୍ଚ କରେଇ ନପାରିଲେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ I ସମସ୍ତ ଦରଖାସ୍ତଗୁଡିକୁ ମୂଳ ପ୍ରମାଣପତ୍ର ସହିତ ଯାଞ୍ଚ କଲାପରେ ଏକ ଯୋଗ୍ୟ ଆବେଦନକାରିଣୀଙ୍କ ତାଲିକା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର/ ସମ୍ପୃକ୍ତ ୱାର୍ଡ/ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ପାଇଁ 6.5.25 ରିଖ ଦିନ ଏକ ଚିଠା ପ୍ରକାଶନ କରାଯିବ I

ଉକ୍ତ ଯୋଗ୍ୟ ତାଲିକା ସମ୍ବନ୍ଧରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଥିଲେ ସେ ସମ୍ବନ୍ଧେ ତା.୬.୫.୨୫ରିଖ ଠାରୁ ତା. ୧୨.୫.୨୫ରିଖ( କାର୍ଯ୍ୟାଳୟ ଦିବସ) ମଧ୍ୟରେ ଆପତ୍ତି / ଅଭିଯୋଗ ଲିଖିତାକାରରେ ଏହି କାର୍ଯ୍ୟାଳୟରେ ଗ୍ରହଣ କରାଯିବ । ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଲିଖିତ ଆପତ୍ତି / ଅଭିଯୋଗଗୁଡିକରେ ଶୁଣାଣୀ କମିଟି ଦ୍ୱାରା ତଦାରଖ କରାଯିବ ।

ଏ ସମସ୍ତ କାର୍ଯ୍ୟାକୁ ଚିଠିକରି ପ୍ରାର୍ଥିନୀ ଚୟନ ପାଇଁ ଚୂଡାନ୍ତ ତାଲିକା ପରବର୍ତ୍ତୀ ସାତ ଦିନ ସୁଦ୍ଧା ପ୍ରକାଶ କରାଯାଇପାରେ ଏବଂ କୌଣସି ଅନିବାର୍ଯ୍ୟ କାରଣ ବଶତଃ ଚୂଡାନ୍ତ ତାଲିକା ପ୍ରକାଶ ପାଇଁ ନୋଟିସ ମଧ୍ୟରେ ପରିବର୍ତ୍ତନ କରାଯାଇପାରେ । ପ୍ରକାଶ ଥାଉ କି ଏହି ବିଜ୍ଞାପନ ସମ୍ବନ୍ଧରେ ପରବର୍ତ୍ତୀ ସମୟରେ କିଛି ପରିବର୍ତ୍ତନ ପାଇଁ ନୋଟିସ ଦିଆଯାଇପାରେ କିମ୍ବା କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କ ରହିଅଛି ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ବରଗଡ଼ (ସହର)
BARGARH (URBAN)

ପରିପତ୍ର ସଂଖ୍ୟା ୫୧୪ ତାରିଖ ୨୦.୪.୨୦୨୫

ଏହାର ନକଲ ଜିଲ୍ଲାପାଳ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ / ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଅବଗତି ଏବଂ ବହୁଳ ପ୍ରସାର ନିମନ୍ତେ ଅଧିସୂଚନା ଜାରି କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ବରଗଡ଼ (ସହର)
BARGARH (URBAN)

ପରିପତ୍ର ସଂଖ୍ୟା ୫୧୫ ତାରିଖ ୨୦.୪.୨୦୨୫

ଏହାର ନକଲ ଉପଜିଲ୍ଲାପାଳ ବରଗଡ଼ ଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡ / ସମ୍ପୃକ୍ତ ୱାର୍ଡ କାର୍ଯ୍ୟାଳୟ ର ନୋଟିସ ବୋର୍ଡ / କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଧିସୂଚନା ଜାରି କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ବରଗଡ଼ (ସହର)
BARGARH (URBAN)